ଓଡ଼ିଶାରେ

# ଫୁଲ ଚାଷ

## Flower Cultivation in Odisha




କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧

Krishi Vigyan Kendra, Mayurbhanj-1

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ORISSA UNIVERSITY OF AGRICULTURE & TECHNOLOGY

**ଓଡ଼ିଶାରେ ଫୁଲ ଚାଷ**

ଆଲେଖ୍ୟ ଏବଂ ପ୍ରମୁଖ ସଂପାଦକ
**ଡ.ସଂଘମିତ୍ରା ପଟ୍ଟନାୟକ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କାର୍ଯ୍ୟକାରୀ ସଂପାଦକ
ଶୁଚିସ୍ମିତା ମହାପାତ୍ର

ସହାୟତା
ଇଂ.ଡ. ଦୀପକ କୁମାର ମହାନ୍ତି
ବିଶ୍ୱରଂଜନ ସାମନ୍ତରାୟ
ଝୁନିଲତା ଭୂୟାଁ
ସଂଜୟ କୁମାର ବାରିକ
ରଘୁନାଥ ପତି

ପ୍ରକାଶକ
କୃଷି ବିଜ୍ଞାନ କେନ୍ଦ୍ର, ଶ୍ୟାମାଖୁଣ୍ଟା, ମୟୁରଭଞ୍ଜ-୧

ପ୍ରଥମ ପ୍ରକାଶନ : ମାର୍ଚ୍ଚ, ୨୦୧୬

ମୁଦ୍ରଣ
**ଅଙ୍କିତା ଗ୍ରାଫିକ୍ସ,** ଭୁବନେଶ୍ୱର,
ଫୋନ୍ ୯୪୩୭୦୭୭୩୩୭

**Flower Cultivation in Odisha**

**Composed & Edited by**
**Dr. Sanghamitra Patnaik**
Sr. Scientist and Head,

**Working Editor**
**Suchismita Mohapatra**

**Assisted by**
**Er. Deepak Ku. Mohanty**
**Biswaranjan Samantary**
**Jhunilata Bhuyna**
**Sanjay Ku. Barik**
**Raghunatha Pati**

**Published by**
Krishi Vigyan Kendra,
At/Po. Shyamakhunta, Mayurbhanj-1Pin: 757049
mayurbhanjkvk@yahoo.co.in / kvkmayurbhanj@rediffmail.com
Visit at: www.kvkmayurbhanj.org.in

**First Edition** :
February, 2016

**Printed by**
Ankita Graphics, Bhubaneswar.
skmahapatrabbsr@gmail.com, Cell : 9437077337



# ଓଡ଼ିଶାରେ ଫୁଲଚାଷ

ଫୁଲ ହେଉଛି ସ୍ନେହ, ଶ୍ରଦ୍ଧା ଓ ଭକ୍ତିର ପ୍ରତୀକ। ଦୈନନ୍ଦିନ ଜୀବନରେ ଫୁଲ ଲୋକମାନଙ୍କର ବହୁ ବ୍ୟବହାରରେ ଆସୁଛି। ଭାରତର ବିଭିନ୍ନ ପ୍ରଦେଶରେ ଫୁଲର ଚାଷ ଏବଂ ଏହାର ବହୁଳ ବ୍ୟବହାର ବୃଦ୍ଧି ପାଇଥିଲେ ମଧ୍ୟ ଆମ ରାଜ୍ୟରେ ଫୁଲଚାଷ ବିଶେଷ ଅଗ୍ରଗତି ହୋଇପାରି ନାହିଁ। ଆମ ରାଜ୍ୟରେ ଫୁଲର ବ୍ୟବହାର ସୀମିତ ହେଲେ ମଧ୍ୟ ଏହାର ପ୍ରସାର ଦିଗରେ ବହୁ ସୁବିଧା ରହିଛି। ଆମ ରାଜ୍ୟରେ ଫୁଲଚାଷ ଆଶାଜନକ ଭାବରେ ହେଉନଥିବାର କାରଣ ହେଉଛି ବହୁ ସୀମିତ ଅଞ୍ଚଳରେ ଏହାର ଚାଷ କରାଯାଉଛି। ଫୁଲଚାଷପ୍ରତି ଚାଷୀକୂଳର ଆଗ୍ରହ ବଢ଼ାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ କ୍ରମାଗତ ଭାବରେ ଚେଷ୍ଟା ଚଳାଇ ଆସୁଥିଲେ ହେଁ ଏ ବିଷୟରେ ବିଶେଷ ଅଗ୍ରଗତି ହୋଇ ପାରିନାହିଁ। ବିଭିନ୍ନ ବେସରକାରୀ ସଂସ୍ଥା ଓଡ଼ିଶାରୁ ଓ ରାଜ୍ୟ ବାହାରୁ ଫୁଲ ଆଣି ବିକ୍ରୀ କରୁଛନ୍ତି। ଏ ଦୃଷ୍ଟିରୁ ଆମ ରାଜ୍ୟରେ ଫୁଲ ଚାଷର ବହୁଳ ପ୍ରସାର ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଯତ୍ନନେବା ନିତାନ୍ତ ଆବଶ୍ୟକ। ବ୍ୟବସାୟିକ ଭିତ୍ତିରେ ଫୁଲଚାଷକୁ ଗ୍ରହଣ କରାଗଲେ ବହୁ ଶିକ୍ଷିତ ଯୁବକ ଆତ୍ମନିଯୁକ୍ତିର ସୁବିଧା ପାଇ ପାରିବେ।



## ଗୋଲାପ

ଆମ ରାଜ୍ୟରେ ବ୍ୟବସାୟିକ ଭିତ୍ତିରେ ଚାଷ କରାଯାଉଥିବା ଫୁଲମାନଙ୍କ ମଧ୍ୟରେ ଗୋଲାପ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଗୋଲାପ ଫୁଲକୁ ଫୁଲମାନଙ୍କ ମଧ୍ୟରେ ରାଣୀ ବୋଲି କୁହାଯାଏ। ଗୋଲାପ ଫୁଲର ଲୋକପ୍ରିୟତା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଗୋଲାପକୁ ସୌଖିନ ଫୁଲ ଭାବରେ ଚାଷ କରିବା ସହ ବ୍ୟବସାୟିକ ଭିତ୍ତିରେ ଚାଷକଲେ ଓଡ଼ିଶାରେ ଚାଷୀମାନେ ବହୁତ ରୋଜଗାର କରିପାରିବେ।

## ଗୋଲାପର ପ୍ରକାରଭେଦ

ଗଛ ତଥା ଫୁଲର ବିଭିନ୍ନତା ଦୃଷ୍ଟିରୁ ସାଧାରଣତଃ ପାଞ୍ଚ ପ୍ରକାର ଗୋଲାପ ଦେଖାଯାଏ ।



୧. **ହାଇବ୍ରିଡ଼-ଟି (Hybrid-Tea)** ଏହି ଗୋଲାପ ହାଇବ୍ରିଡ଼ ପର୍‌ପେଟୁଆଲ ଏବଂ ଟି ଗୋଲାପର ଶଙ୍କରଣରୁ ଉତ୍ପତ୍ତି ହୋଇଛି । ଫୁଲଗୁଡ଼ିକ ଆକାରରେ ବଡ଼ ଓ ଅନେକ ପାଖୁଡ଼ା ରହିଥାଏ । ଗୋଟିଏ ଡାଳରେ ଗୋଟିଏ କିମ୍ବା ଦୁଇଟି ଫୁଲ ଫୁଟେ ।



୨. **ଫ୍ଲୋରିବୁଣ୍ଡା (Floribunda)** ଏହି ଗୋଲାପ ହାଇବ୍ରିଡ଼ ଟି ଏବଂ ପଲିଆନ୍ଥା ଗୋଲାପର ଶଙ୍କରଣରୁ ଉତ୍ପତ୍ତି ହୋଇଛି । ଏହା ପେନ୍ଥାରେ ଫୁଟେ । ଗୋଟିଏ ଡାଳରେ ଏକା ଥରକେ ଅନେକ ଫୁଲ ଫୁଟେ ।



୩. **ଲଟା ଗୋଲାପ (Climbing Roses)** ଏହି ଗୋଲାପ ହାଇବ୍ରିଡ଼ ଟି କିମ୍ବା ଫ୍ଲୋରିବୁଣ୍ଡାର ନବୋଦୟ କଳିକା (Natural bud sport)ରୁ ଏହା ଉତ୍ପତ୍ତି ହୋଇଛି । ଛୋଟ ପେନ୍ଥାରେ ବଡ଼ବଡ଼ ଫୁଲ ଫୁଟିଥାଏ ।



୪. **ମିନିଏଚର ଗୋଲାପ (Miniature Rose)** ଏହି ଗୋଲାପ ଗଛଟି ଗଛର କାଣ୍ଡ, ପତ୍ର, ଫୁଲ ସାନ ସାନ ହୋଇ ଅନେକ ଦିନ ଫୁଟିଥାଏ ।



୫. **ଗୁଳ୍ମ ଗୋଲାପ (Shrub Rose)** ଏହା ବର୍ଷରେ ଥରେ ଗ୍ରୀଷ୍ମ ଋତୁର ପ୍ରାରମ୍ଭରେ ଫୁଟେ ଏବଂ ବାଡ଼ ଓ ନମୂନା ଗଛ ପାଇଁ ଉପଯୋଗୀ ଅଟେ ।

ଆମ ରାଜ୍ୟରେ ସାଧାରଣତଃ ହାଇବ୍ରିଡ଼ ଟି ଓ ଫ୍ଲୋରିବୁଣ୍ଡା କିସମ ବ୍ୟବସାୟିକ ଭିତ୍ତିରେ ଚାଷ କରାଯାଉଛି ।

## ଜଳବାୟୁ:

ଗୋଲାପ ଗଛପାଇଁ ପ୍ରଚୁର ସୂର୍ଯ୍ୟାଲୋକ ଆବଶ୍ୟକ। ଏହା ଏପରି ସ୍ଥାନରେ କରାଯିବା ଉଚିତ୍, ଯେଉଁଠାରେ ସକାଳ ଠାରୁ ଦିନ ୧୨ଟା ପର୍ଯ୍ୟନ୍ତ ଅର୍ଥାତ୍ ଅତି କମ୍‌ରେ ୬ ଘଣ୍ଟା ସୂର୍ଯ୍ୟକିରଣ ପଡୁଥିବ। ଅଧିକ ଉତ୍ତାପ ଓ ଅଧିକ ଆର୍ଦ୍ରତା ଗୋଲାପ ପାଇଁ କ୍ଷତିକାରକ। ବାୟୁମଣ୍ଡଳର ଆର୍ଦ୍ରତା ଅଧିକ ହେଲେ ଗଛଗୁଡ଼ିକ ରୋଗ ଓ ପୋକଦ୍ୱାରା ଆକ୍ରାନ୍ତ ହୁଅନ୍ତି।

## ମୃତ୍ତିକା:

ଗୋଲାପ ଫୁଲ ଚାଷ ପାଇଁ ମଧ୍ୟମ ଦୋରସା ମାଟି ଉପଯୁକ୍ତ। ପାଣି ଜମି ରହୁଥିବା ସନ୍ତସନ୍ତିଆ ଜମିରେ ଗୋଲାପଗଛ ଭଲ ବଢ଼ିପାରେ ନାହିଁ।

## ଜମି ପ୍ରସ୍ତୁତି:

ଶଯ୍ୟାଗୁଡ଼ିକ ୬ମି x ୧.୨ମି. ଆୟତନ ବିଶିଷ୍ଟ ଆୟତାକାର ହେବା ଉଚିତ୍। ଶଯ୍ୟା ମଧ୍ୟରେ ୧ମି. ଚଉଡ଼ାର ରାସ୍ତା ରହିଲେ ଅନ୍ତଃଚାଷ, ଜଳସେଚନ ଓ ଫୁଲ ଅମଳ ସହଜରେ ହୋଇଥାଏ। ଶଯ୍ୟାଗୁଡ଼ିକ ଜମିଠାରୁ ୫ରୁ ୧୦ ସେମି ଉଚ୍ଚା ରହିବା ଆବଶ୍ୟକ।

## ଗଛ ଲଗାଇବାର ସମୟ ଓ ପ୍ରଣାଳୀ:

ବର୍ଷା ଓ ଖରା ଋତୁରେ ଗୋଲାପ ଗଛ ଲଗାଇଲେ ବହୁତଗଛ ମରି ଯାଉଥିବାରୁ ଏ ଦୁଇ ଋତୁରେ ନ ଲଗାଇବା ଉଚିତ୍। ଶୀତ ପଡ଼ିବା ଆଗରୁ ଲଗାଇଲେ ଫୁଲ ଡେରିରେ ଫୁଟେ ଏବଂ ଶୀତ ପଡ଼ିବା ପରେ ଲଗାଇଲେ ଖୁବ୍‌ଶୀଘ୍ର ଫୁଲ ଫୁଟିଥାଏ। ତେଣୁ ସେପ୍ଟେମ୍ବରରୁ ଅକ୍ଟୋବର ମାସ ମଧ୍ୟରେ ଗୋଲାପ ଗଛ ଲଗାଇବାର ପ୍ରକୃଷ୍ଟ ସମୟ। ଗଛ ଲଗାଇବା ସମୟରେ ପଲିଥିନ୍‌କୁ କାଟି ବା କୁଣ୍ଡକୁ ଭାଙ୍ଗି ମାଟିପିଣ୍ଡୁଳା ସହ ଲଗାଯାଏ। କଲମୀ ହୋଇଥିବା ଯାଗା ମାଟି ପତନଠାରୁ ୧୫ରୁ ୨୦ ସେମି ଉପରେ ରହେ। ଗଛ ମଧ୍ୟରେ ବ୍ୟବଧାନ ୬୦ ସେମି ବା ୧ମି. x ୧ମି ରଖାଯାଏ। ଅଧିକ ଫୁଲ ଅମଳ ପାଇଁ ବ୍ୟବଧାନ ୩୦ ସେମି x ୩୦ସେମିକୁ କମ୍ କରାଯାଇ ପାରିବ।

## କାଣ୍ଟଛାଣ୍ଟ:



ପ୍ରତିବର୍ଷ ଗୋଲାପ ଗଛରୁ ନୂଆନୂଆ ଡାଳ ବାହାରି ଗଛ ଝଙ୍କାଳିଆ ହୁଏ। ସେଥିପାଇଁ କାଣ୍ଟଛାଣ୍ଟ କରିବାଦ୍ୱାରା ନୂଆ ଡାଳ ବାହାରେ ଫଳରେ ଫୁଲସଂଖ୍ୟା ଓ ଫୁଲର ଆକାର ବୃଦ୍ଧି ପାଏ। କାଣ୍ଟଛାଣ୍ଟ କରାଯିବାର ୬-୮ ସପ୍ତାହ ମଧ୍ୟରେ ଗଛରେ ଫୁଲ ଆସିଥାଏ।

## ଖତସାର:

ଆବଶ୍ୟକ ପରିମାଣର ସବୁ ମୁଖ୍ୟ ଓ ଗୌଣ ସାର ଗୋଲାପ ଗଛ ପାଇଁ ଆବଶ୍ୟକ ହୋଇଥାଏ। କାଣ୍ଟଛାଣ୍ଟ ପରେ ଗଛକୁ କୋଡ଼ାଖୁସା କରି ପ୍ରତି ଗଛରେ ୬-୭ କି.ଗ୍ରା. କମ୍ପୋଷ୍ଟ / ସଢ଼ା ଗୋବରଖତ ବା ୨୦୦ଗ୍ରାମ୍ ନିମ/କରଞ୍ଜ ପିଡ଼ିଆ ଦେବା ଉଚିତ୍। ପ୍ରତି ବୁଦାରେ ଆମୋନିୟମ୍ ସଲ୍‌ଫେଟ୍ ୨୦ଗ୍ରାମ୍, ସୁପର ଫସ୍‌ଫେଟ୍ ୧୨ ଗ୍ରାମ୍, ମ୍ୟୁରେଟ୍ ଅଫ୍ ପଟାସ୍ ୬ଗ୍ରାମ୍ ଦେବା ଉଚିତ୍। ଉନ୍ନତ ମାନର ଫୁଲ ପାଇବା ପାଇଁ ୧୦କିଗ୍ରା କଞ୍ଚା ଗୋବର, ୧୦ଲିଟର ପାଣି ଓ ୫୦୦ଗ୍ରାମ୍ ପିଡ଼ିଆ ମିଶାଯାଏ। ପ୍ରାୟ ଏକ ସପ୍ତାହପରେ ଏହି ତରଳ ଖତକୁ ପାଣି ମିଶେଇ ପତଳାକରି ଏକ ଲିଟର ହିସାବରେ ଗଛର ମୂଳଠାରୁ ପ୍ରାୟ ୨୦-୨୫ସେମି ଦୂରତାରେ ପ୍ରୟୋଗ କରାଯାଏ।

## ଜଳସେଚନ:

ପାଗଦେଖି ୭-୧୦ଦିନ ବ୍ୟବଧାନରେ ଜଳସେଚନ କରିବା ଉଚିତ୍ ଏବଂ ପ୍ରତିଥର ପ୍ରଚୁର ପରିମାଣର ପାଣିଦେବା ଆବଶ୍ୟକ। ଅନେକ ଦିନ ପର୍ଯ୍ୟନ୍ତ ମାଟି ସନ୍ତସନ୍ତିଆ ରହିଲେ ଗଛ ସଂପୂର୍ଣ୍ଣରୂପେ ମରିଯାଏ।

## କୋଡ଼ାଖୁସା ଓ ଘାସବଛା:

ହାଲ୍‌କାଭାବେ କୋଡ଼ାଖୁସା କରିବା ଦ୍ୱାରା ଜମିର ଜଳଧାରଣ ଶକ୍ତି ବଢ଼ିବା ସହ ବଗିଚାରୁ ଅନାବନା ଗଛ ଓ ବାଲୁଙ୍ଗା ଦମନରେ ସହାୟକ ହୋଇଥାଏ। ଅନାବନା ଗଛ ତଥା ଘାସ ବହୁଳ ପରିମାଣରେ ବଢ଼ି ମାଟିରୁ ଜଳ ଓ ଖାଦ୍ୟ ସଂଗ୍ରହକରି ଗୋଲାପ ଗଛଗୁଡ଼ିକୁ ବଢ଼ିବାକୁ ଦିଅନ୍ତି ନାହିଁ। ବାଲୁଙ୍ଗା ଦମନକାରୀ ଔଷଧ ପ୍ରୟୋଗ କରିବା ଉଚିତ୍।

## ଫୁଲ ଅମଳ:

ଗଛ ଲଗେଇବାର ତୃତୀୟ ବର୍ଷ ଠାରୁ ଗଛପ୍ରତି ବର୍ଷକୁ ହାରାହାରି ୩୫-୪୦ଟି ଫୁଲ କିମ୍ବା ପ୍ରତି ବର୍ଗମିଟର ସ୍ଥାନରୁ ୩୫-୪୦ଟି ଫୁଲ ଅମଳ ହୋଇଥାଏ।

## ଚାଷଜନିତ ଆୟବ୍ୟୟ:

ଗୋଲାପ ଚାଷପାଇଁ ପ୍ରଥମ ବର୍ଷ ଏକରପ୍ରତି ଟ.୪୬,୫୦୦/-, ଦ୍ୱିତୀୟ ବର୍ଷ ପାଇଁ ଟ.୧୧,୫୦୦/-, ତୃତୀୟ ବର୍ଷ ଟ.୧୩,୦୦୦/-, ଚତୁର୍ଥ ବର୍ଷ ଠାରୁ ଦଶମ ବର୍ଷ ପର୍ଯ୍ୟନ୍ତ ବର୍ଷକୁ ହାରାହାରି ଟ.୧୫,୫୦୦/- ଖର୍ଚ୍ଚ ହୋଇଥାଏ। ପ୍ରଥମ ବର୍ଷ ଚାଷରୁ ବେଶୀ ଅମଳ ନ ହୋଇ ୨/୩ହଜାର ଟଙ୍କାର ଫୁଲ ମିଳେ। ୨ୟ ବର୍ଷ ଏକରପ୍ରତି ହାରାହାରି ଟ.୨୦,୦୦୦/-, ୩ୟ ବର୍ଷ ଟ.୩୦,୦୦୦/-, ଚତୁର୍ଥ ବର୍ଷ ଟ.୩୫,୦୦୦/- ଏବଂ ୫ମ ବର୍ଷ ଠାରୁ ୧୦ମ ବର୍ଷ ପର୍ଯ୍ୟନ୍ତ ବର୍ଷକୁ ପ୍ରାୟ ଟ.୫୦,୦୦୦/-ଙ୍କା ଆୟ ମିଳେ।



# ଗେଣ୍ଡୁ

ବର୍ତ୍ତମାନ ଆମ ରାଜ୍ୟରେ ବ୍ୟବସାୟଭିତ୍ତିକ ଚାଷୋପଯୋଗୀ ଫୁଲଗୁଡ଼ିକ ମଧ୍ୟରେ ଗେଣ୍ଡୁ ଫୁଲର ଚାହିଦା ଅଧିକ ରହିଛି। ଏଥିରୁ ଅମଳ ମଧ୍ୟ ପ୍ରଚୁର ମିଳିଥାଏ। ଗେଣ୍ଡୁ ଫୁଲକୁ ଅଧିକ ଦିନ ସାଇତି ରଖାଯାଇ ପାରୁଥିବାରୁ ବ୍ୟବସାୟିକଭିତ୍ତିରେ ଏହି ଫୁଲ ଚାଷକଲେ ଅଧିକ ଲାଭ ମିଳି ପାରିବ।

## ଗେଣ୍ଡୁର ପ୍ରକାର ଓ କିସମ

ଗେଣ୍ଡୁ ସାଧାରଣତଃ ଦୁଇ ପ୍ରକାରର ଯଥା: ଆଫ୍ରିକୀୟ ଗେଣ୍ଡୁ ଏବଂ ଫରାସୀ ଗେଣ୍ଡୁ।

୧. **ଆଫ୍ରିକୀୟ ଗେଣ୍ଡୁ (African Marigold)** ଆଫ୍ରିକୀୟ ଗେଣ୍ଡୁର ଗଛ ଗୁଡ଼ିକ ଡେଙ୍ଗା ଓ ଫୁଲଗୁଡ଼ିକ ବଡ଼। ଏହାର କିସମ ଗୁଡ଼ିକ ହେଲା ଜାଏଣ୍ଟବଲ ଆଫ୍ରିକାନ ଏଲୋ (ବାରମାସୀ), ଜାଏଣ୍ଟ୍‌ବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଏର୍‌ଲିଏଲୋ, ଏର୍‌ଲି ଅରେଞ୍ଜ।

୨. **ଫରାସୀ ଗେଣ୍ଡୁ (French Marigold)** ଫରାସୀ ଗେଣ୍ଡୁର ଗଛଗୁଡ଼ିକ ଛୋଟ ଓ ଫୁଲଗୁଡ଼ିକ ଛୋଟ। ଏହାର କିସମଗୁଡ଼ିକ ହେଲା ବଟରସ୍କଚ, ହନିକମ୍ବ, ଗ୍ରାନାଡ଼ା, ଷ୍ଟାରଡଷ୍ଟ।

## ଜଳବାୟୁ:

ଗେଣ୍ଡୁ ସାଧାରଣତଃ ଉଷ୍ମ ଓ ମୃଦୁ ଜଳବାୟୁ ଦରକାର କରେ। ବାୟୁମଣ୍ଡଳର ତାପମାତ୍ରା ଅଧିକ ହେଲେ ଗଛ ଭଲବଢ଼େ ନାହିଁ। ଫୁଲ ଅମଳ କମେ ଓ ଉଚ୍ଚମାନର ଫୁଲ ଫୁଟେନାହିଁ। ପ୍ରବଳ ଥଣ୍ଡାରେ ଫୁଲ କଳା ପଡ଼ିଯାଏ ଓ ଗଛ ମରିଯାଏ।

## ମୃତ୍ତିକା:

ଗେଣ୍ଡୁ ଫୁଲ ସବୁ ପ୍ରକାର ମାଟିରେ ଚାଷ କରାଯାଇ ପାରିବ। ମାତ୍ର ମାଟି ଅଧିକ ଉର୍ବର, ନିଗିଡ଼ା ଏବଂ ଜଳଧାରଣ ଶକ୍ତି ଅଧିକ ଥିଲେ ଗଛ ଭଲ ବଢ଼େ ଓ ଅମଳ ଦିଏ। ବାଲିଆ ଦୋରସା ମାଟି ଗେଣ୍ଡୁ ଚାଷ ପାଇଁ ଅଧିକ ଉପଯୋଗୀ।

## ଜମି ପ୍ରସ୍ତୁତି:

ଗେଣ୍ଡୁ ଚାଷ ପାଇଁ ଜମିକୁ ଦୁଇରୁ ତିନି ଓଡ଼ ଚାଷ କରି ଏକର ପିଛା ୨୦ଟନ୍ ଗୋବର ଖତ ବା କମ୍ପୋଷ୍ଟ ମାଟିରେ ଭଲଭାବରେ ମିଶାଇବା ଉଚିତ୍।

## ଚାରାରୋପଣ ସମୟ ଓ ପ୍ରଣାଳୀ:

ବର୍ଷର ତିନୋଟି ପ୍ରଧାନ ଋତୁ ଯଥା ବର୍ଷା, ଗ୍ରୀଷ୍ମ ଓ ଶୀତ ଋତୁରେ ଗେଣ୍ଡୁ ଚାଷ

କରାଯାଇ ପାରିବ।

**ବର୍ଷାଋତୁ:** ଜୁନ୍ ମାସର ମଧ୍ୟଭାଗରେ ମଞ୍ଜି ବୁଣାଯାଇ ଜୁଲାଇ ମାସର ମଧ୍ୟ ଭାଗରେ ତଳି ରୁଆଯାଏ।

**ଶୀତଋତୁ:** ଅଗଷ୍ଟ ମାସରେ ମଞ୍ଜି ବୁଣାଯାଇ ସେପ୍ଟେମ୍ବର ମାସରେ ଚାରା ରୋପଣ ହୁଏ।

**ଗ୍ରୀଷ୍ମଋତୁ:** ଜାନୁୟାରୀ ମାସର ପ୍ରଥମ ସପ୍ତାହରେ ମଞ୍ଜି ବୁଣାଯାଏ ଓ ଫେବୃୟାରୀ ମାସର



ପ୍ରଥମ ସପ୍ତାହରେ ଚାରା ଲଗାଯାଏ।

## ଚାରା ଲଗାଇବା ପ୍ରଣାଳୀ ଓ ଦୂରତା:

ମଞ୍ଜିରୁ ହୋଇଥିବା ଚାରା ୪ରୁ ୬ ସେମି ଉଚ୍ଚାରେ ୪ରୁ ୫ ପତ୍ର ବାହାରିବା ପରେ ମୁଖ୍ୟ ଜମିରେ ଲଗାଇବା ପାଇଁ ଉପଯୁକ୍ତ ହୋଇଥାଏ। ୨୫ରୁ ୩୦ ଦିନର ଡାଳ କଲମୀ ଜମିରେ ରୁଆଯାଏ। ଆଫ୍ରିକୀୟ ଗେଣ୍ଡୁ ଧାଡ଼ିକୁ ଧାଡ଼ି ୪୦ ସେମି ଓ ଗଛକୁ ଗଛ ୩୦ ସେମି ଦୂରତା ରଖାଯାଏ। ଫରାସୀ ଗେଣ୍ଡୁ ପାଇଁ ସାଧାରଣତଃ ଧାଡ଼ିକୁ ଧାଡ଼ି ୨୦ ସେମି ଓ ଗଛକୁ ଗଛ ୧୦ ସେମି ବ୍ୟବଧାନ ରଖାଯାଏ।

## ଖତସାର:

ଗେଣ୍ଡୁ ଲଗାଇବା ପୂର୍ବରୁ ଭଲଭାବେ ସଢ଼ି ଯାଇଥିବା ଗୋବରଖତ ଏକରକୁ ୨୦ଟନ୍ ହିସାବରେ ପ୍ରୟୋଗ କରାଯାଏ। ୪୦କିଗ୍ରା ଯବକ୍ଷାରଜାନ, ୮୦କିଗ୍ରା ଫସ୍‌ଫରସ୍ ଓ ୮୦ କିଗ୍ରା ପଟାସ୍‌କୁ ଜମି ପ୍ରସ୍ତୁତି ସମୟରେ, ଚାରା ରୋଇବାର ଏକମାସ ପରେ ଅବଶିଷ୍ଟ ୪୦ କିଗ୍ରା ଯବକ୍ଷାରଜାନ ମାଟିକୁ କୋଡ଼ାଖୁସା କରି ଘାସ ବାଛିବା ପରେ ପ୍ରୟୋଗ କରାଯାଏ।

## କାଣ୍ଡଛାଣ୍ଟ:

ଆଫ୍ରିକୀୟ ଗେଣ୍ଡୁ ଗଛଗୁଡ଼ିକ ସର୍ବୋଚ୍ଚ ଉଚ୍ଚତା ପର୍ଯ୍ୟନ୍ତ ବଢ଼ନ୍ତି ଓ କଢ଼ ବାହାରିବା ପରେ ଅନ୍ୟାନ୍ୟ ଶାଖା ପ୍ରଶାଖା ବାହାରେ। ଏହାକୁ ଏପରି ଭାବରେ ବଢ଼ିବାକୁ ନଦେଇ କାଣ୍ଡର ଅଗ୍ରଭାଗକୁ ଛିଣ୍ଡାଇ ଦେଲେ ଅଧିକ ଶାଖା ପ୍ରଶାଖା ବାହାରି ଉଚ୍ଚମାନର ଫୁଲ ସହ ଅମଳ ଅଧିକ ହୋଇଥାଏ। ଫରାସୀ ଗେଣ୍ଡୁ ଝଙ୍କାଳିଆ ହୋଇଥିବାରୁ ଏଥିରେ କାଣ୍ଡଛାଣ୍ଟ ଆବଶ୍ୟକ ପଡ଼େନାହିଁ।

## ଜଳସେଚନ:

ଜଳବାୟୁ ତଥା ମୃତ୍ତିକା ଉପରେ ଜଳସେଚନ ନିର୍ଭର କରେ। ଦୋରସା ମାଟିରେ

ସେପ୍ଟେମ୍ବର ଠାରୁ ମାର୍ଚ୍ଚ ମାସ ମଧ୍ୟରେ ୭ଦିନ ଅନ୍ତରରେ ଏବଂ ଏପ୍ରିଲ ଠାରୁ ଜୁନ୍‌ମାସ ମଧ୍ୟରେ ୪-୫ଦିନ ଅନ୍ତରରେ ଜଳସେଚନ କରିବା ଉଚିତ୍‌। ଗଛର ବୃଦ୍ଧି ଓ ଫୁଲ ଧରିବା ସମୟରେ ମାଟିରେ ଆବଶ୍ୟକ ମୁତାବକ ଜଳୀୟଅଂଶ ନ ରହିଲେ ଗଛ ଭଲ ବଢ଼ିପାରେ ନାହିଁ। ଫୁଲ ଅମଳ କମିଯାଏ ଓ ଫୁଲର ମାନ ନିକୃଷ୍ଟ ହୁଏ। ଗଛରେ ଦୁଇଥର ସାର ଦିଆଯାଏ। ସାର ଦେବା ସମୟରେ ପାଣି ନିଶ୍ଚୟ ଦେବାକୁ ହେବ। ଶୀତ ଋତୁରେ ୭ରୁ ୧୦ଦିନ ଓ ଗ୍ରୀଷ୍ମ ଋତୁରେ ୩-୪ଦିନ ବ୍ୟବଧାନରେ ଜଳସେଚନ କରାଯାଏ।

### ପରବର୍ତ୍ତୀ ଯତ୍ନ:

ବର୍ଷା ଦିନରେ ଗେଣ୍ଡୁ ଗଛ ସହିତ ଅନାବନା ଘାସ ବା ବାଲୁଙ୍ଗା ବଢ଼ିଯାଇ ଗେଣ୍ଡୁ ଗଛ ଠାରୁ ଅଧିକ ଉଚ୍ଚ ହୋଇ ଫୁଲ ଅମଳ କମିଯାଏ। ସାଧାରଣତଃ ୩/୪ଥର କୋଡ଼ାଖୁସା କରି ଘାସ ବାଛିଦେବା ଉଚିତ୍‌।

### ଫୁଲ ଅମଳ:

ଫୁଲ ଗୁଡ଼ିକ ସଂପୂର୍ଣ୍ଣ ଫୁଟିବା ପରେ ସକାଳେ କିମ୍ବା ସଂଧ୍ୟାରେ ଅମଳ କରାଯାଏ। ଫୁଲ ଅମଳ ହେବା ପୂର୍ବଦିନ ପାଣି ମଡ଼ାଇଲେ ଫୁଲ ତୋଳା ସରିଲା ପରେ ଅଧିକ ସମୟ ସତେଜ ରୁହେ। ଏକର ପ୍ରତି ଆଫ୍ରିକୀୟ କିସମ ଗୁଡ଼ିକ ୮୦ରୁ ୮୫ କ୍ୱିଣ୍ଟାଲ ଓ ଫରାସୀ କିସମ ଗୁଡ଼ିକ ୪୦ରୁ ୫୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ସଜଫୁଲ ଅମଳ ଦେଇଥାନ୍ତି। ଫୁଲ ଅମଳ ହେବାପରେ ଓଦା ଅଖାରେ କିମ୍ବା ବାଉଁଶ ଝୁଡ଼ିରେ ଭରି ଓଦା ଅଖା ଘୋଡ଼େଇ ବଜାରକୁ ପଠାଯାଏ। ଶତକଡ଼ା ୦.୧ଭାଗ ଆଲୁମିନିୟମ ସଲଫେଟ୍‌ ଦ୍ରବଣରେ ୨ଘଣ୍ଟା ବୁଡ଼ାଇ ରଖିଲେ ଫୁଲଗୁଡ଼ିକ ଅଧିକ



ତାଜା ରହିଥାଏ।

### ଚାଷଜନିତ ଆୟବ୍ୟୟ:

ଏକ ଏକର ଗେଣ୍ଡୁ ଚାଷ ପାଇଁ ହାରାହାରି ଟ.୧୧,୦୦୦/-, ଖର୍ଚ୍ଚ ହୋଇଥାଏ ଓ ଏଥିରୁ ପ୍ରାୟ ଟ.୨୪,୦୦୦ଙ୍କା ଆୟ ମିଳିଥାଏ।



## ଗ୍ଲାଡିଓଲସ୍

ଗ୍ଲାଡିଓଲସ୍ ଫୁଲର ସୌନ୍ଦର୍ଯ୍ୟ ପାଇଁ ଏହାକୁ ସମସ୍ତେ ବଗିଚାରେ ଲଗାଇଥାନ୍ତି। ଫୁଲଗୁଡ଼ିକ ଫୁଲ ଦଣ୍ଡରେ ତଳୁ ଉପରକୁ ଫୁଟୁଥିବାରୁ ଏ ଫୁଲ ବେଶୀଦିନ ରହେ। ଏହାର ଅନେକ ରଙ୍ଗ ଥାଏ, ଯଥା: ଧଳା, ହଳଦିଆ, ରକ୍ତବର୍ଣ୍ଣ, ରକ୍ତାଭ, ଇଷତ୍ ରକ୍ତାଭ, ନାରଙ୍ଗୀ, ବାଇଗଣୀ ଇତ୍ୟାଦି। ଗ୍ଲାଡିଓଲସ୍ ଫୁଲ ତୋଡ଼ା ତିଆରିରେ ମଧ୍ୟ ବହୁଳ ଭାବରେ ବ୍ୟବହାର କରାଯାଏ। କଟାଫୁଲ ପାଇଁ ବ୍ୟବସାୟିକଭିତ୍ତିରେ ଚାଷକଲେ ଅଧିକ ଲାଭ ମିଳିପାରିବ।

### ଜଳବାୟୁ:

ଗ୍ଲାଡିଓଲସ୍ ଚାଷ ପାଇଁ ଖରାଟିଆ ଓ ଖୋଲା ପରିବେଶ ଆବଶ୍ୟକ ହୋଇଥାଏ। ବାୟୁମଣ୍ଡଳର ତାପମାତ୍ରା ୧୦°ରୁ ୪୦° ସେଲ୍‌ସିୟସ୍ ରହିଲେ ଏହି ଚାଷ ଭଲ ହୋଇଥାଏ। ଏହାର ଲଗାଇବା ସମୟ ଏପରି କରାଯିବା ଉଚିତ୍ ଯେ ଏହାର ଜୀବନକାଳ, ଫୁଲ ଫୁଟିବା ସମୟ, ମୂଳମୁଣ୍ଡା ଓ ପାଖୁଡ଼ା ଗୁଡ଼ିକର ବିକାଶଲାଗି ଉପଯୁକ୍ତ ପରିବେଶ ସୃଷ୍ଟି ହେବ। ଦିନର ତାପମାତ୍ରା ୩୦°ରୁ ବେଶୀ ଓ ରାତିର ତାପମାତ୍ରା ୬°ରୁ କମ୍ ହେଲେ ଗ୍ଲାଡିଓଲସ୍ ଗଛ ଓ ଫୁଲର କ୍ଷତି ହୁଏ। ମାତ୍ର ୧୫ରୁ ୨୫° ସେଲସିୟସ୍‌ରେ ସବୁଠୁ ଭଲ ହୁଏ।

### ମୃତ୍ତିକା:

ଗ୍ଲାଡିଓଲସ୍ ଚାଷ ପାଇଁ ବାଲିଆ ଦୋରସା ମାଟି ଉପଯୁକ୍ତ। ମାଟିର ଅମ୍ଳତା ୫ରୁ ୭.୫ ଥିବା ମାଟିରେ ଏହି ଚାଷ ଲାଭଜନକ ଭାବେ ଚାଷ କରାଯାଇ ପାରିବ।

### କିସମ:

ଗ୍ଲାଡିଓଲସ୍‌ର ଅନେକ କିସମ ଅଛି। ପ୍ରତିବର୍ଷ ନୂଆନୂଆ କିସମ ବାହାରୁଛି। କିସମ ଗୁଡ଼ିକ ହେଲା ଫ୍ରେଣ୍ଡସିପ୍, ନୋଭାଲକ୍ସ, ରୋଜ୍‌ସୁପ୍ରିମ୍, ଆପଲ୍‌ବ୍ଲସମ୍, ଅପ୍‌ସରା, ମୀରାପୁନମ୍,



ବ୍ଲୁଫ୍ରୋଷ୍ଟ, ପିଟର ପିୟର୍ସ, ରେଡ଼ବିୟୁଟି, ହ୍ୱାଇଟ୍ ପ୍ରସ୍ପରିଟି, ଆମେରିକାନ୍ ବିୟୁଟି, ଓସ୍କାର, ଜେଷ୍ଟର, ଶ୍ରୀଗଣେଷ ଇତ୍ୟାଦି।

## ବଂଶ ବିସ୍ତାର:

ଗ୍ଲାଡିଓଲସ୍‌ର ବଂଶ ବିସ୍ତାର କର୍ମ ବା ଧନକନ୍ଦରୁ ହୁଏ। ଧନକନ୍ଦ ଓ ଉପକନ୍ଦ ଅମଳ ପରେ ନିଷ୍କ୍ରିୟ ଥିବାରୁ ସଂଗେସଂଗେ ଲଗାଇଲେ ଗଜା ହୁଏନାହିଁ। ଏଗୁଡ଼ିକୁ ୩-୪ମାସଯାଏ ୪-୫° ସେଲ୍‌ସିୟସ ଉତ୍ତାପରେ ରଖିଲେ କିମ୍ବା ଇଥ୍ରେଲ(୧ଗ୍ରାମ/୧ଲିଟର) ଦ୍ରବଣରେ ବୁଡ଼େଇଲେ ଶୀଘ୍ର ଗଜାହୁଏ। ଧନକନ୍ଦକୁ ଲଗାଇବା ପୂର୍ବରୁ ଉପର ଚୋପାକୁ ଛଡ଼େଇ ଶତକଡ଼ା ୨ଭାଗ ବାଭିଷ୍ଟିନ୍(୨ଗ୍ରାମ/୧ଲିଟରପାଣି)ର ଦ୍ରବଣରେ ୧୫ମିନିଟ୍ ବୁଡ଼ାଇ ବିଶୋଧନ କରିବା ଉଚିତ୍।

## ଜମି ପ୍ରସ୍ତୁତି:



ଜମିକୁ ତିନି ଚାରି ଓଡ଼ ଚାଷ କରି ସରୁ ଅଣ ଓସାରିଆ ପଟି କରିବା ଆବଶ୍ୟକ। ଜମିକୁ ୧୦ମିଟର ଲମ୍ବ ଓ ୧.୫ମିଟର ଓସାର ବିଶିଷ୍ଟ ଛୋଟଛୋଟ ବେଡ୍ ବା କିଆରୀରେ ବିଭକ୍ତ କରାଯାଏ। ଏକ ଏକର ଜମିରେ ୧୬୦ଟି ବେଡ୍ ହୋଇ ପାରିବ। ହେକ୍ଟର ପ୍ରତି ୧,୬୦,୦୦୦ ଧନକନ୍ଦ ଆବଶ୍ୟକ ହୋଇଥାଏ। ଗୋଟିଏ ବିଲରେ ଲାଗଲାଗ ଗ୍ଲାଡ଼ିଓଲସ୍ ଚାଷ କରାଯାଇପାରେ।

## ଖତସାର:

କର୍ମ (ଧନକନ୍ଦ) ଲଗାଇବା ପୂର୍ବରୁ ଏକର ପ୍ରତି ୪୦ଟନ୍ ସଢ଼ା ଗୋବରଖତ ଓ କମ୍ପୋଷ୍ଟ ପ୍ରୟୋଗ କରାଯାଏ। ଭଲ ଗ୍ଲାଡ଼ିଓଲସ୍ ପାଇଁ ଆବଶ୍ୟକ ପରିମାଣ ମୁଖ୍ୟ ଓ ଗୌଣ ସାର ଆବଶ୍ୟକ। ଏକର ପ୍ରତି ୨୦କିଗ୍ରା ଯବକ୍ଷାରଜାନ ସହିତ ଫସ୍‌ଫରସ୍ ଓ ପଟାସ୍ ପ୍ରତ୍ୟେକ ୮୦ କିଗ୍ରା ଲେଖାଏଁ ପ୍ରୟୋଗ କରାଯାଏ। ଏହାପରେ ଯବକ୍ଷାରଜାନ ସାରକୁ ୩/୪ପତ୍ର ବହାରିବା ଅବସ୍ଥାରେ ଫୁଲ ବା ଛଡ଼ି ବାହାରିବା ସମୟରେ, ଫୁଲ ଫୁଟିସାରିବା ପରେ ପ୍ରତ୍ୟେକ ଥର ୨୦ କିଗ୍ରା ହିସାବରେ ପ୍ରୟୋଗ କରାଯାଏ। ଲଗାଇବା ପୂର୍ବରୁ ସବୁ ଫସ୍‌ଫେଟ୍ ଦେଇଦେବା ଉଚିତ୍। ପଟି ବାଛି କୋଡ଼ାଖୁସାକରି ଅଳ୍ପ ହୁଡ଼ା ଦେବା ଭଲ।

## ବିହନ ପରିମାଣ:

ଗୋଟିଏ ବେଡ୍‌ରେ ୨୫୦ଟି ଧନକନ୍ଦ ଲାଗି ଏକରକୁ ୧୬୦ଟି ବେଡ୍ ପାଇଁ ୪୦,୦୦୦ କନ୍ଦ ଆବଶ୍ୟକ ହୋଇଥାଏ।

## ଲଗାଇବା ବ୍ୟବଧାନ:

୫ସେମିରୁ ବଡ଼ ଧନକନ୍ଦ ୩୦ x ୨୦ ସେମି ଦୂରତାରେ ୫-୭ସେମି ଗଭୀରରେ ଲଗାଇବା ଆବଶ୍ୟକ। ଅଧିକ କର୍ମେଲ୍ ବା ଛୋଟଛୋଟ କର୍ମ ଅମଳ ପାଇଁ କର୍ମଗୁଡ଼ିକୁ ୩ ସେମି ଗଭୀରରେ ପୋତିବା ଆବଶ୍ୟକ।



## ଜଳସେଚନ:

ବର୍ଷାଦିନେ ଜଳସେଚନ ପରିବର୍ତ୍ତେ ଜଳ ନିଷ୍କାସନ ଏକ ସମସ୍ୟା। ଶୀତଦିନେ ପ୍ରତି ୧୫ ଦିନରେ ଥରେ ଓ ଖରା ଦିନେ ୧୦-୧୨ ଦିନରେ ଥରେ ସିଞ୍ଚା ଜଳସେଚନ ଦରକାର ହୋଇଥାଏ। ଗଛରେ ଫୁଲକେଣ୍ଡା ବାହାରିବା ସମୟରେ ମାଟି ଆର୍ଦ୍ର ରହିବା ଆବଶ୍ୟକ।

## ପରବର୍ତ୍ତୀ ଯତ୍ନ:

ଗ୍ଲାଡ଼ିଓଲସ୍ ଫସଲ ପାଇଁ ୪-୫ଥର ଅନାବନା ଘାସ ବାଛିବା ଦରକାର ପଡ଼ିଥାଏ। ସାର ପ୍ରୟୋଗ ସମୟରେ କୋଡ଼ାଖୁସା କରି ଅନାବନା ଗଛ ସଫାକରି ହୁଡ଼ା ଟେକି ଦବା ଉଚିତ୍। ଗଛରେ ଫୁଲକେଣ୍ଡା ବାହାରିବା ପରେ ଓଜନ୍ ବଢ଼ିଯିବା ଯୋଗୁ ବାଉଁଶ ବା ରସି ଟାଣି ଗଛକୁ ଭାରା ଦିଆଯାଇ ପାରେ।

## ଫୁଲ ଅମଳ ଓ ଅମଳ ପରବର୍ତ୍ତୀ ଯତ୍ନ:

ଫୁଲକେଣ୍ଡାର ତଳ ଫୁଟଟିରେ ସଠିକ୍ ରଙ୍ଗ ଆସିବା ପରେ ବା ସାମାନ୍ୟ ଖୋଲିବା ପରେ ସ୍ପାଇକ୍‌ଗୁଡ଼ିକ କାଟି ଅମଳ କରାଯାଏ। ଏକ ଏକରରୁ ୪୦,୦୦୦ ସ୍ପାଇକ୍ ଅମଳ ହୋଇଥାଏ।



## ଚାଷଜନିତ ଆୟବ୍ୟୟ:

ଫୁଲ କେଣ୍ଡା ଅମଳ ହେବାର ୬-୮ ସପ୍ତାହ ପରେ ଧନକନ୍ଦ ଅମଳ କରାଯାଏ। କନ୍ଦ ଖୋଳିବାର ୨-୩ ସପ୍ତାହ ପୂର୍ବରୁ ଜଳସେଚନ ବନ୍ଦ କରିଦେବା ଉଚିତ୍। କନ୍ଦ ଖୋଳି ପତ୍ର ସହିତ ୬-୭ଦିନ ଛାଇରେ ଶୁଖାଯାଏ। କନ୍ଦ ଖୋଳି ୦.୨% ବାଭିଷ୍ଟିନ୍ ଦ୍ରବଣରେ ୩୦ ମିନିଟ୍ ବୁଡ଼ାଇ ରଖିଲେ ଭବିଷ୍ୟତରେ ରୋଗପୋକ ଲାଗିବାର ସମ୍ଭାବନା ନଥାଏ। ଛୋଟଛୋଟ ପଟା ବାକ୍ସ ବା ଅଖାରେ ପୁରାଇ କୋଲ୍ଡଷ୍ଟୋରରେ ୩-୪° ତାପମାନ ଓ ୯୦% ଆର୍ଦ୍ରତାରେ ରଖାଯାଏ କିମ୍ବା ବାଲିରେ ସଜେଇ ଛାଇରେ ରଖାଯାଏ। ଖୋଳିବାର ୩ମାସ ପରେ କନ୍ଦ ଲଗେଇବା ପାଇଁ ଯୋଗ୍ୟ ହୋଇଥାଏ। ଏକ ହେକ୍ଟର ଜମିରୁ ଟ.୩,୫୪,୦୦୦ଙ୍କା ମିଳିଥାଏ। ହେକ୍ଟରକୁ ୨,୫୦,୦୦୦-୩,୦୦,୦୦୦ଟଙ୍କା ଲାଭ ହୋଇଥାଏ।



# ରଜନୀଗନ୍ଧା

ଓଡ଼ିଶାରୁ ଯେତେ ଟଙ୍କାର ଫୁଲ ଆମଦାନୀ ହୁଏ, ତା'ର ଅଧା ରଜନୀଗନ୍ଧାରୁ ମିଳିଥାଏ। ରାତିରେ ଏ ଫୁଲର ବାସ୍ନା ମହକୁଥିବାରୁ ଏହାର ନାମ ରଜନୀଗନ୍ଧା ରଖାଯାଇଛି। ଏହି ଫୁଲକୁ ଫୁଲ ତୋଡ଼ା, ଫୁଲଦାନୀ, ମାଳ ଇତ୍ୟାଦିରେ ବ୍ୟବହାର କରାଯାଏ। ଏଥିରେ ଅତି ଦାମିକା ତେଲ ଓ ସୁଗନ୍ଧଯୁକ୍ତ ଅତର ପ୍ରସ୍ତୁତ କରାଯାଇଥାଏ। ଆମ ରାଜ୍ୟରେ ଏହି ଚାଷର ପ୍ରସାର ହୋଇପାରିଲେ ଚାଷୀକୁଳ ଲାଭବାନ ହୋଇ ପାରିବେ।

## ଜଳବାୟୁ:

ରଜନୀଗନ୍ଧା ମୁଖ୍ୟତଃ ନାତିଶୀତୋଷ୍ଣ ଜଳବାୟୁ ଅଞ୍ଚଳରେ ଭଲ ହୋଇଥାଏ। ମୁଖ୍ୟତଃ ଉଷ୍ଣ ଓ ଆର୍ଦ୍ର ଜଳବାୟୁ ସହିତ ୧୦°ରୁ ୪୦° ସେଲ୍‌ସିୟସ୍ ଉତ୍ତାପ ଥିବା ଅଞ୍ଚଳରେ ଚାଷ କରାଯାଇ ପାରିବ। ରଜନୀଗନ୍ଧା ଚାଷପାଇଁ ୨୦°-୩୦° ସେଲ୍‌ସିୟସ ତାପମାନ ସର୍ବୋତମ। ଆଲୋକ ପରିମାଣ ଓ ମାତ୍ରା କମ୍ ହେଲେ ଫୁଲ ବାଧାପ୍ରାପ୍ତ ହୋଇଥାଏ। ଶୀତ ଋତୁରେ ଦିନ ଛୋଟହେଲେ ରଜନୀଗନ୍ଧା ଭଲ ବଢ଼ିଥାଏ। ଖରାଦିନେ ଅଧିକ ଫୁଲ ଫୁଟେ ଓ ବର୍ଷା ଋତୁରେ ଖରା ଦିନଠାରୁ କମ୍ ଫୁଲ ଫୁଟେ।

## ମୃତ୍ତିକା:

ନିଗିଡା, ଦୋରସା ଓ ମଟାଳ ମାଟିରେ ରଜନୀଗନ୍ଧା ଭଲ ବଢ଼ିଥାଏ। ସନ୍ତସନ୍ତିଆ ମାଟିରେ ଏହା ଭଲ ହୋଇ ନଥାଏ। ମାଟିର ଅମ୍ଳତା ୬.୫ରୁ ୭.୫ଭିତରେ ରହିଲେ ରଜନୀଗନ୍ଧା ଭଲ ହୋଇଥାଏ।

## ବଂଶ ବିସ୍ତାର:

ସବୁ ପ୍ରକାର ରଜନୀଗନ୍ଧା ଫୁଲରେ ମଞ୍ଜି ହେଉ ନଥିବାରୁ ମଞ୍ଜିଦ୍ୱାରା ବଂଶ ବିସ୍ତାର କରାଯାଏ ନାହିଁ। ଅଙ୍ଗୀୟ ପ୍ରଣାଳୀରେ ଏହାର ବଂଶ ବିସ୍ତାର କରାଯାଏ। କନ୍ଦରୁ ବା କନ୍ଦ ଖଣ୍ଡରୁ ମଧ୍ୟ ବଂଶବୃଦ୍ଧି କରାଯାଇଥାଏ। ପ୍ରତି କନ୍ଦରେ ଗୋଟିଏ ଆଖି ରହିବା ଉଚିତ୍ ଓ କନ୍ଦର ଓସାର ୧.୫ସେମିରୁ ଅଧିକ ହେବା ଉଚିତ୍।

## କିସମ:

ରଜନୀଗନ୍ଧା କିସମକୁ ୩ଭାଗରେ ବିଭକ୍ତ କରାଯାଇଛି।୧.ସିଙ୍ଗଲ,୨.ଡବଲ, ୩.



ଅର୍ଦ୍ଧଡବଲ। ସିଙ୍ଗଲ: ଏହି ଫୁଲ ଗୁଡ଼ିକ ଅଧିକ ଧଳା ଓ ସୁଗନ୍ଧଯୁକ୍ତ। ମୁଖ୍ୟ କିସମଗୁଡ଼ିକ ହେଲା କୋଇମ୍ବାଟୁର ସିଙ୍ଗଲ ଓ ବାଙ୍ଗାଲୋର ସିଙ୍ଗଲ ଇତ୍ୟାଦି। ଡବଲ: ଏହି ଫୁଲରେ ବହୁତ ପାଖୁଡ଼ା ଥାଏ। ଉନ୍ନତ କିସମଗୁଡ଼ିକ ହେଲା ସୁଭାସିନୀ, ମୁକ୍ତା, ଭୈରବ, କାଲକାଟା ଡବଲ୍ ଇତ୍ୟାଦି। ଅର୍ଦ୍ଧଡବଲ: ଏହା ଡବଲ ଓ ସିଙ୍ଗଲର ମଝି କିସମ। ଏହାର ଉନ୍ନତ କିସମ ହେଲା ସ୍ୱର୍ଣ୍ଣରେଖା ଓ ରଜତରେଖା।

## ଲଗାଇବା ପ୍ରଣାଳୀ:



କନ୍ଦ ଲଗାଇବା ପାଇଁ ସବୁବେଳେ ନିଗିଡ଼ା ପରିବେଶ ଦରକାର ହୋଇଥାଏ। କନ୍ଦ ଲଗାଇବା ପୂର୍ବରୁ ମାଟିକୁ ଗୁଣ୍ଡକରି ହେକ୍ଟର ପ୍ରତି ୨୫ରୁ ୩୦ଟନ୍ ଖତ, ୨୦୦କିଗ୍ରା ଫସ୍‌ଫେଟ୍, ୧୮୦ କିଗ୍ରା ପଟାସ୍ ସାର ଦେବା ଉଚିତ୍। ଏକର ପ୍ରତି ନିମ ପିଡ଼ିଆ ୧କ୍ୱିଣ୍ଟାଲ ଦେଲେ ଭଲ। କନ୍ଦ ଗୁଡ଼ିକୁ ଧାଡ଼ିକୁଧାଡ଼ି ୩୦ରୁ ୪୫ ସେମି ଓ କନ୍ଦକୁ କନ୍ଦ ୧୦ରୁ ୩୦ସେମି ବ୍ୟବଧାନରେ ୨.୫ରୁ ୫ସେମି ଗଭୀରରେ ଲଗାଯାଏ। ସାଧାରଣତଃ ୧୨୦ସେମି ଚଉଡ଼ାର ଲମ୍ବା ପଟାଳିମାନ କରାଯାଏ। ପଟାଳିରୁ ପଟାଳି ମଧ୍ୟରେ ୩୦ସେମିର ଜାଗା ଛାଡ଼ି ଦିଆଯାଏ। ବର୍ଷାଋତୁ ଆସିବା ପୂର୍ବରୁ କନ୍ଦ ବା କନ୍ଦଖଣ୍ଡ ଲଗାଇବା ଆବଶ୍ୟକ।

## ସାର ପ୍ରୟୋଗ:

ଓଡ଼ିଶାର ଅମ୍ଳ ମୃତ୍ତିକାରେ ରଜନୀଗନ୍ଧା ପାଇଁ ହେକ୍ଟରପ୍ରତି ୨୦ଟନ୍ ଖତ, ୧୬୦ କିଗ୍ରା ଯବକ୍ଷାରଜାନ, ୮୦କିଗ୍ରା ଫସ୍‌ଫେଟ, ୮୦କିଗ୍ରା ପଟାସ୍ ଅନୁମୋଦନ କରାଯାଏ। ସବୁଖତ ସୁପର, ପଟାସ୍, ୧/୩ଭାଗ ଯବକ୍ଷାରଜାନ ଲଗାଇବା ବେଳେ ଦେବା ଆବଶ୍ୟକ। ଲଗାଇବାର ୩୦ ଦିନ ପରେ ୧/୩ ଅଂଶ ଯବକ୍ଷାରଜାନ ଆଉ ୩୦ ଦିନ ପରେ ୧/୩ଅଂଶ ଯବକ୍ଷାରଜାନ

ପ୍ରୟୋଗ କରିବା ଆବଶ୍ୟକ।

## ଜଳସେଚନ:

ଶୁଖିଲା ମାଟିରେ କନ୍ଦ ନଲଗାଇ ଓଦା ମାଟିରେ କନ୍ଦ ଲଗାଇବା ଉଚିତ୍। ଶୀତଦିନେ ୧୫ରୁ ୨୦ ଦିନ ଅନ୍ତରରେ ଓ ଖରା ଦିନେ ୧୦-୧୨ ଦିନରେ ଅନ୍ତରରେ ଜଳସେଚନ କରିବା ଉଚିତ୍। ଫୁଲ ଫୁଟିଆସିବା ବେଳେ ନିୟମିତ ଜଳସେଚନ ଆବଶ୍ୟକ।

## ପରବର୍ତ୍ତୀ ଯତ୍ନ:

କନ୍ଦ ଲଗାଇବାର ୩୦ ଦିନରେ ଓ ୬୦ ଦିନରେ ସାର ଦିଆଯାଏ। ସାର ଦେବା ପୂର୍ବରୁ ଜମିକୁ କୋଡ଼ାଖୁସାକରି ଘାସ ଓ ଅନ୍ୟାନ୍ୟ ଗଛ ବଛାଯାଏ। ଘାସ ବଛା ହୋଇ ସଫା ରହୁଥିବା କିଆରୀରେ ଫୁଲ ଅମଳ ବୃଦ୍ଧି ପାଇଥାଏ।



## ଅମଳ:

କନ୍ଦର ଆକାର ଅନୁସାରେ କନ୍ଦ ଲଗାଇବାର ୧୫୦ରୁ ୨୪୦ ଦିନ ପରେ ରଜନୀଗନ୍ଧା ଫୁଟିଥାଏ। ଫୁଲ ଗୁଡ଼ିକୁ ସନ୍ଧ୍ୟା ବା ସକାଳେ ତୋଳିବା ଉଚିତ୍। ଫୁଲ ଦଣ୍ଡରେ ୫୦ଭାଗ ଫୁଲ ଫୁଟିବା ଅବସ୍ଥାରେ ହିଁ ଦଣ୍ଡାକୁ କାଟି ବାଲଟିରେ ପାଣିଦେଇ ରଖା ଯାଇଥାଏ। ରଜନୀଗନ୍ଧା ଫୁଲ ଅମଳ ଏକରରୁ ୨୫ରୁ ୩୦ କ୍ୱିଣ୍ଟାଲ ମିଳିଥାଏ। ୨ବର୍ଷରେ ୪୦ରୁ ୫୦କ୍ୱିଣ୍ଟାଲ ଓ ତୃତୀୟ ବର୍ଷରେ ୨୦-୨୫କ୍ୱିଣ୍ଟାଲ ଫୁଲ ମିଳେ। ଦ୍ୱିତୀୟ ବର୍ଷ ପରଠାରୁ କନ୍ଦ ଅମଳ ହୋଇଥାଏ ଓ ଏକରକୁ ୮୦ରୁ ୧୦୦କ୍ୱିଣ୍ଟାଲ କନ୍ଦ ଅମଳ ହୋଇଥାଏ।

## ଚାଷଜନିତ ଆୟବ୍ୟୟ:

ତିନିବର୍ଷିଆ ରଜନୀଗନ୍ଧା ଫୁଲ ଫସଲ ପ୍ରଥମ ବର୍ଷରେ ୬୫ହଜାର ଟଙ୍କା, ଦ୍ୱିତୀୟ ବର୍ଷରେ ୭୫ହଜାର ଟଙ୍କା ଓ ତୃତୀୟ ବର୍ଷରେ ୬୦ହଜାର ଟଙ୍କା ଦେଇଥାଏ। ମୋଟରେ ହେକ୍ଟର ପ୍ରତି ୨ଲକ୍ଷଟଙ୍କା ତିନିବର୍ଷରେ ମିଳିଥାଏ। ପ୍ରଥମ ବର୍ଷର ଖର୍ଚ୍ଚ ୬୦ହଜାର ଟଙ୍କା, ଦ୍ୱିତୀୟ ଓ ତୃତୀୟ ବର୍ଷର ଖର୍ଚ୍ଚ ୧୦ହଜାର ଟଙ୍କା ହୋଇଥାଏ। ଏଣୁ ତିନି ବର୍ଷରେ ୧,୩୦,୦୦୦ଟଙ୍କା ଲାଭ ମିଳିଥାଏ।